# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15 September – 2025

************************************

## ମୁଖ୍ୟ ସମ୍ବାଦ

- ଏକ ପେଡ଼ ମା' କେ ନାମ ଅଭିଯାନରେ ସାମିଲ ହେବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

– ୨୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୨୭ଟି ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ୧ ହଜାର ୬୮୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ସୁଭଦ୍ରା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟରେ ପାଳନ କରାଯିବ ଧନ୍ୟବାଦ ମୋଦୀ ଉତ୍ସବ

BBSR/R

# ମୁଖ୍ୟମନ୍ତ୍ରୀ- ଭିତ୍ତିପ୍ରସ୍ତର ସ୍ଥାପନ

ରାଜ୍ୟ ସରକାରଙ୍କ ନୀତି, ନିଷ୍ଠା ଓ ଉଦ୍ୟମ ବଳରେ ଓଡ଼ିଶା' ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୨୭ଟି ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।  ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଶିଳ୍ପଗୁଡ଼ିକରେ ୨୫ ହଜାର ୩୮୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ୫୨ ହଜାର ୮୨୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଜିକୁ ମିଶାଇ ଏ ପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟକୁ ଶିଳ୍ପ କ୍ଷେତ୍ରରେ ଏକ ସମ୍ଭାବନାର ରାଜ୍ୟରେ ପରିଣତ କରିବା ଦିଗରେ ପ୍ରୟାସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ପେଡ଼ ମା' କେ ନାମ-୨.୦ ଅଭିଯାନରେ ସାମିଲ ହେବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଗତ ୧୫ ମାସ ମଧ୍ୟରେ ୨୬୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି। ଏହାଦ୍ୱାରା ୫ ଲକ୍ଷ ୬୦ ହଜାର କୋଟିଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩ ଲକ୍ଷ ୬୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

BBSR/RS

# ନିଯୁକ୍ତି ମେଳା

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ୭ଟି ବିଭାଗ ପାଇଁ ମନୋନୀତ ହୋଇଥିବା ୧ହଜାର ୬୮୬ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । କୃଷି ବିଭାଗରେ ୩୪ ଜଣଙ୍କୁ, ଅର୍ଥ ବିଭାଗରେ ୬୧, ଜଳସମ୍ପଦ ବିଭାଗରେ ୪୧୩, ଆଇନ ବିଭାଗରେ ୩୭, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ୨୩, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୯୮୨ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି ।

BBSR/R

## ଉପମୁଖ୍ୟମନ୍ତ୍ରୀ- ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶିରୁ କୌଣସି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୁଭଦ୍ରା ଯୋଜନାରେ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଓ ସୁଗମ କରିବା ନିମନ୍ତେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ‘ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ’ର ଶୁଭାରମ୍ଭ କରି ସେ ଏହା କହିଛନ୍ତି । ଏହି

ମଡ୍ୟୁଲ୍’ ଯୋଜନାର ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତ୍ତିକୁ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି ।

**- V/O -**

ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀମାନଙ୍କ ଅଭିଯୋଗ, ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ସମସ୍ୟାଗୁଡ଼ିକର ଯାଞ୍ଚ କରାଯାଇ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ । ସୁଭଦ୍ରା ପୋର୍ଟାଲରେ ଅନଲାଇନ୍ ମାଧ୍ୟମରେ କିମ୍ବା ବିଭିନ୍ନ ସରକାରୀ ସ୍ତରରେ ଅଫଲାଇନ୍ ମାଧ୍ୟମରେ ଆସିଥିବା ଅଭିଯୋଗପତ୍ରଗୁଡ଼ିକୁ ପ୍ରଥମେ ବ୍ଲକସ୍ତରୀୟ ଯାଞ୍ଚ କମିଟି କିମ୍ବା ନଗର ସ୍ତରୀୟ ଯାଞ୍ଚ କମିଟି ନିକଟରେ ଦାଖଲ କରାଯିବ । ଆବଶ୍ୟକ ପଡ଼ିଲେ ଅଭିଯୋଗପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଯିବ ।

Nuapada

## ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ’ ଅକ୍ଟୋବର ୧୫ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଭୋଟର ତାଲିକାରେ ନାମ ପଞ୍ଜୀକରଣ ଏବଂ ସଂଶୋଧନ ପାଇଁ ଜନସାଧାରଣ ଆବେଦନ କରିପାରିବେ । ଅନଲାଇନ୍‌ରେ ପଞ୍ଜୀକରଣ କରିବା ପାଇଁ ମଧ୍ୟ ଭୋଟର ହେଲପଲାଇନ୍ ମୋବାଇଲ୍ ଆପ୍ ଜରିଆରେ ଆବେଦନ କରିପାରିବେ ।

BBSR/R

## ସୁଭଦ୍ରା ଯୋଜନା ସଫଳତା

ରାଜ୍ୟରେ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନକୁ ଆସନ୍ତା ୧୭ ତାରିଖରେ ଏକ ବର୍ଷ ପୂରଣ ହେବ। ଏହି ଅବସରରେ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇ ଧନ୍ୟବାଦ ମୋଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ ଅନୁଷ୍ଠିତ ହେବ। ଏଥିରେ ସୁଭଦ୍ରା ହିତାଧିକାରୀମାନଙ୍କ ସଫଳତାର କାହାଣୀ ତଥା ଏହି ଯୋଜନା ସେମାନଙ୍କ ଜୀବନରେ ଆଣିଥିବା ସକାରାତ୍ମକ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରାଯିବ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ୧୭ ତାରିଖରୁ ପୋଷଣ ମାସ ଆରମ୍ଭ ହେବା ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

Desk

# ସିବିଏସ୍‌ଇ

ଦେଶରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ- ସିବିଏସ୍‌ଇ ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ରହିଥିବା କେତେକ ଦ୍ୱନ୍ଦ୍ୱ ଦୂର କରାଯାଇଛି। ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କର ୭୫ ପ୍ରତିଶତ ସର୍ବନିମ୍ନ ଉପସ୍ଥିତ ହାର ଧାର୍ଯ୍ୟ କରାଯାଇଛି। ଉପସ୍ଥିତ ହାର କମ ରହିଲେ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କରାଯାଇ ପାରିବ ନାହିଁ ଏବଂ ଫଳାଫଳ ଘୋଷଣା ମଧ୍ୟ କରାଯିବ ନାହିଁ। ଦଶମରେ ଦୁଇଟି ଏବଂ ଦ୍ୱାଦଶରେ ଗୋଟିଏ ଅତିରିକ୍ତ ବିଷୟ ପ୍ରଦାନ କରାଯିବ। ସି.ବି.ଏସ୍.ଇ.ଠାରୁ ବିଦ୍ୟାଳୟ ଅନୁମତି ପାଇ ନ ଥିଲେ ଛାତ୍ରଛାତ୍ରୀମାନଙ୍କୁ ଅତିରିକ୍ତ ବିଷୟ ମିଳିପାରିବ ନାହିଁ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି। ଦଶମ ଓ ଦ୍ୱାଦଶ

ପରୀକ୍ଷା ନେଇ ସିବିଏସ୍‌ଇ ପକ୍ଷରୁ ଜାରି କରାଯାଇଥିବା ନୋଟିସରେ ବୋର୍ଡ ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଦୁଇ ବର୍ଷ ପଢ଼ିବା ବାଧ୍ୟତାମୂଳକ କରାଯାଇଛି।

BHK/R/V

## ଚାଷୀ ନାମ ପଞ୍ଜୀକରଣ

ସେବା ଏବଂ ସୁଶାସନ ତଥା ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ କେନ୍ଦ୍ର ସରକାର ଜନକଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର' ପରିବର୍ତ୍ତନ ଓ ପ୍ରଗତିର ଶାସନ ବ୍ୟବସ୍ଥା ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । କେନ୍ଦ୍ର ସରକାର ସବୁବେଳେ ଗରିବ, କୃଷକ, ଯୁବ ଏବଂ ମହିଳାଙ୍କ ବିକାଶ ପାଇଁ ବହୁବିଧ ଯୋଜନା ପ୍ରଣୟନ କରିବା ସହ ପ୍ରୟାସ ଜାରି ରଖିଛନ୍ତି। ସେବା ପର୍ବରେ ଏହି କ୍ରମରେ ଆଜି ପ୍ରସ୍ତୁତ କରୁଛୁ ଭଦ୍ରକ ଜିଲ୍ଲାର ଲକ୍ଷପତି ଦିଦିଙ୍କ ସମ୍ପର୍କରେ।

ଭଦ୍ରକ ଜିଲ୍ଲାରେ ୨୦୨୪ ଓ ୨୦୨୫ ମସିହାରେ ୮୩ ହଜାର ୮୫୭ ଜଣ ଲକ୍ଷପତି ଦିଦି ହୋଇପାରିଥିବା ଜୀବିକା ମିଶନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଲକ୍ଷପତିଦିଦି ହେବାରେ ରାଜ୍ୟରେ ଭଦ୍ରକ ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ଆୟୋଜିତ 'ମୁଁ ବି ଲକ୍ଷପତି ଦିଦି ହେବି' ସମାବେଶରେ ଜିଲ୍ଲାର ବେତଡ଼ା ପଞ୍ଚାୟତର

ଲକ୍ଷପତିଦିଦି ସୁମିତ୍ରା ପଣ୍ଡାଙ୍କୁ ପୁରସ୍କୃତ କରାଯାଇଛି । ଏ ସମ୍ପର୍କରେ ଲକ୍ଷପତିଦିଦି ସୁମିତ୍ରା ପଣ୍ଡା ଆକାଶବାଣୀକୁ କହିଛନ୍ତି...

**- V/O –**

Boudh

## ସହାୟତା ଦିବସ

ବୌଦ୍ଧ ଜିଲ୍ଲା ଟୁଟୁସିଂଗା ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ରେଡକ୍ରସର ଭୂମିକା, କାର୍ଯ୍ୟଶୈଳୀ ଏବଂ ପ୍ରାଥମିକ ଚିକିତ୍ସାରେ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ ।

Nabarangpur

## ସେବାପକ୍ଷ ସପ୍ତାହ ବୈଠକ

ନବରଙ୍ଗପୁରର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସେବାପକ୍ଷ ସପ୍ତାହ ପାଇଁ ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଲୋଚନା କରାଯାଇଥିଲା । 'ଏକ ପେଡ଼ ମା କେ ନାମ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ ସହ ଡାବୁଗାଁରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା ।

Nayagarh

## ଆଦି କର୍ମଯୋଗୀ

ନୟାଗଡ଼ ଜିଲ୍ଲା ଦଶପଲ୍ଲାଠାରେ ବ୍ଲକସ୍ତରୀୟ ଆଦି କର୍ମଯୋଗୀ ଅଭିଯାନର ଏକ ପ୍ରୟୋଗଶାଳ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ମାଧ୍ୟମରେ ଦଶପଲ୍ଲା ବ୍ଲକର ମୋଟ ୧୧୦ଟି ଅନୁସୂଚିତ ଜନଜାତି ବହୁଳ ଗ୍ରାମଗୁଡ଼ିକର ସାମଗ୍ରୀକ ଉନ୍ନତି କରାଯିବାର ଲକ୍ଷ୍ୟ ରଖାଯାଇଛି । ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଏବଂ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

G.pati/B.garh/Boudh/CTC/N.garh/K.para/M.giri/R.gada/Deogarh/BHK

## ଜନ ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

**କଟକ** ଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ପଞ୍ଜୀକୃତ ୮୨ଟି ଅଭିଯୋଗ ମଧ୍ୟରୁ ୩ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି ।

**ନୟାଗଡ଼** ଜିଲ୍ଲା ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ମୋଟ ୧୧୨ଟି ଦରଖାସ୍ତ ମଧ୍ୟରୁ ୨୮ଟିର ତତ୍କାଳ ସମାଧାନ କରାଯାଇଛି ।

**କେନ୍ଦ୍ରାପଡ଼ା** ଜିଲ୍ଲା ମହାକାଳପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୋଟ ୧୩୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲାର କୋରୁକଣ୍ଡା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୪୨ଟି ଅଭିଯୋଗର ଶୁଣାଣି କରାଯାଇଛି ।

**ରାଗଯଡ଼ା** ଜିଲ୍ଲା ଗୁଣୁପୁରଠାରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ମୋଟ ୭୫ଟି ଅଭିଯୋଗପତ୍ରର ଶୁଣାଣି କରାଯାଇଥିଲା ।

**ଦେବଗଡ଼** ଜିଲ୍ଲା ବାରକୋଟ ବ୍ଲକ କଣ୍ଟାପାଲି ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ୭୮ଟି ଅଭିଯୋଗପତ୍ରର ଶୁଣାଣି କରିଥିଲେ ।

**ଭଦ୍ରକ** ଜିଲ୍ଲା ଭଣ୍ଡାରୀପୋଖରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ୧୪୪ଟି ଅଭିଯୋଗର ଶୁଣାଣି କରାଯାଇଛି ।

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏବଂ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ହୋଇଥିବା ମୋଟ ୩୯ଟି ଅଭିଯୋଗ ମଧ୍ୟରୁ ୧୭ଟିର ତତ୍କାଳ ସମାଧାନ କରାଯାଇଥିଲା ।

**ବରଗଡ଼** ଜିଲ୍ଲା ଅମ୍ବାଭନ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୬୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା l

**ଗଜପତି** ଜିଲ୍ଲା ନୂଆଗଡ଼ ବ୍ଲକ ତାବରଡ଼ା ଗ୍ରାମ ପଞ୍ଚାୟତଠାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ୯୨ଟି ଅଭିଯୋଗପତ୍ର ମଧ୍ୟରୁ ଗୋଟିଏର ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି l